# ଜବାରାହ କୁ ପ୍ରତ୍ୟାଗମନ

## ପଶ୍ଚିମ ବଙ୍ଗର ଗ୍ରାମଗୁଡ଼ିକରେ ସଂଘ ସେବୀ ଦଳର ସଫଳତା ପୂର୍ବକ ମତ୍ସ୍ୟଚାଷର ଉତ୍ପତ୍ତିକୁ ନିକଟରୁ ଦେଖିବା, ସ୍ଥାନୀୟ ସମ୍ପଦର ବ୍ୟବସ୍ଥାକୁ ନୂତନ ଭାବରେ ବ୍ୟବହାର କରିବାର ଖୋଜ ଏବଂ ନମନୀୟ ଗ୍ରାମ୍ୟ ଋଣର ଉତ୍ସାହ ମୂଳଙ୍କ ପ୍ରଭାବ ।

*ସତ୍ୟେନ୍ଦ୍ର ଡ଼ି. ତ୍ରିପାଠି, ଗ୍ରୋହାମ୍ ହେଲର୍ ଏବଂ ଉଇଲିୟମ୍ ସାଭେଜ୍ ଜଗଦିଶ୍ ସାରାକ୍ ଗାଙ୍ଗୱାର, ବିରେନ୍ଦ୍ର ସିଂ, ଗୌତମ ଦତ୍ତା ଏବଂ ପ୍ରଭାତ କୁମାର ପାଠକଙ୍କ ସହମତିରେ ଏହା ଲିଖିତ ।*

ପୁରୁଲିଆ ଜିଲ୍ଲାରେ ହୁରା ବ୍ଲକର ପାଖ ପଡୋଶୀ ଗ୍ରାମଗୁଡିକର ସମଷ୍ଟି ଏବଂ ଜବାରାହ ଗ୍ରାମ ପଶ୍ଚିମ ବଙ୍ଗର ପୁରୁଲିଆ ସହରର ୨୦ କି.ମି ପୂର୍ବକୁ ଅବସ୍ଥିତ । ଏହା ଭାରତର ବର୍ଷା ନିର୍ଭରଶୀଳ ମାଳଅଞ୍ଚଳରେ ଅବସ୍ଥିତ । ପାଖାପାଖି ୧୨୦୦ ଲୋକ ଜବାରାହରେ ବାସ କରନ୍ତି, ୨୨୦ଟି ପରିବାର ଯାହାକି ୪୦୦ ହେକ୍ଟର କ୍ଷେତଜମି ଦ୍ୱାରା ପରିବେଷ୍ଟିତ । ଏକ ୩ କି.ମିର ରାସ୍ତା ତରଙ୍ଗାୟିତ ପର୍ବତମାଳା ମଧ୍ୟଦେଇ ଗତି କରେ । ଏହି ରାସ୍ତା ଗ୍ରାମଗୁଡିକୁ ପାଖ ପକ୍କା ରାସ୍ତା ସହିତ ଯୋଗ କରେ । ବର୍ଷାଋତୁର ଜୁନ୍ ରୁ - ଅକ୍ଟୋବର ମାସ ମଧ୍ୟରେ ସେହି ରାସ୍ତା କାଦୁଆରେ ଭର୍ତ୍ତି ହୋଇଯାଏ ଏବଂ ପ୍ରବଳ ବର୍ଷାରେ ଏକ ନଦୀ ଲୋକମାନଙ୍କର ଏବଂ ଯାନବାହାନର ରାସ୍ତାକୁ ବନ୍ଦ କରିଦିଏ ।



୧୯୯୦ ମସିହାର ମଧ୍ୟଭାଗ ସମୟର ଏକ ଯାତ୍ରା ୧୯୯୬ରେ, ମତ୍ସ୍ୟଚାଷ ବିକାଶ ବିଶେଷଜ୍ଞ ମାନେ ପୂର୍ବଭାରତୀୟ ବର୍ଷା ଗ୍ରାହମ୍ ହେଲର୍ କୁ ଜବାରାହ ଗ୍ରାମକୁ ନିଆଯାଇଥିଲା । ମତ୍ସଚାଷ ଫିଲଡ୍ ବିଶେଷଜ୍ଞ ଗୌତମ ଦତ୍ତ । ସେମାନଙ୍କୁ ତାଙ୍କର ୧୨ ଛୋଟ ପୋଖରୀ ଦେଖାଇବା ପାଇଁ ନେଇଯାଇଥିଲେ । ସେ ସମୟରେ ଆଜକୁ ୮ ବର୍ଷ ତଳେ ୬୦ ପ୍ରତିଶତ ପରିବାର ବର୍ଷର ଖାଦ୍ୟ ସଂଗ୍ରହ କରିବାକୁ ଅସମର୍ଥ ଥିବାରୁ ଅଧିକାଂଶ ଲୋକ ଏବଂ କିଛି ପରିବାର ପ୍ରତିଦିନ କିଛି ରୋଜଗାର କରିବା ନିମନ୍ତେ ସେ ସ୍ଥାନରୁ ଅନ୍ୟସ୍ଥାନକୁ ଚାଲି ଯାଉଥିଲେ । ଏହି ପରିବାର ମଧ୍ୟରୁ କିଛି ପରିବାର ମହାଜନଙ୍କ ଠାରୁ ନିଜର ଖାଦ୍ୟ ଏବଂ ଔଷଧ ନିମନ୍ତେ କରଜରେ ବୁଡିରହୁଥିଲେ । ପିଲାମାନଙ୍କୁ ୪କ.ମି ଚାଲି ସ୍କୁଲ୍ ଯିବାକୁ ହେଉଥିଲା । ଏବଂ ସବୁଠାରୁ ପାଖ ବ୍ୟାଙ୍କ୍ ୫ କି.ମି ଦୂରରେ ଥିଲା ।

ଗୋଷ୍ଠୀ ସଂଚାଳକ ପ୍ରଭାତ୍ କୁମାର ପାଠକ୍ କହନ୍ତି ଯେ ଯେତେବେଳେ ସ୍ଥାନୀୟ ଧାନ ଚାଷ ସମୟରେ ଯେତେବେଳେ ଫୁଲ ଆସେ ସେତେବେଳେ ଅନାବୃଷ୍ଟି କାରଣରୁ ଅମଳ ବହୁତ କମ୍ ହୁଏ କାରଣ ମାଟି ଟା ବାଲିମାଟି । ଲୋକମାନେ କୁହନ୍ତି ଏଠିକାର ଜଳବାୟୁ ଅନିଶ୍ଚିତ ଏବଂ ବହୁତ ବନ୍ୟା ମରୁଡି ପଡେ । ଏ ସମସ୍ତ ବିପର୍ଯ୍ୟୟ ସତ୍ତ୍ୱେ ତିନି ତୃତୀୟାଂଶ ଲୋକ ଚାଷ କାର୍ଯ୍ୟକରନ୍ତି । ଅନ୍ୟଲୋକମାନେ ଚାଷକାମରେ ମଜଦୁର କାମ କରନ୍ତି । ଆଉ କିଛି ଲୋକ ଇଟା ତିଆରି କରନ୍ତି ଏବଂ ଅଧିକାଂଶ ଲୋକ ବାହାଘରମାନଙ୍କରେ ଢ଼ୋଲ ବଜାନ୍ତି । ଦୁଇ ତୃତୀୟାଂଶ ଲୋକ ଓ ଏକ ତୃତୀୟାଂଶ ମହିଳା ସ୍ୱାକ୍ଷର ଅଛନ୍ତି । ରୁଢ଼ିବାଦୀ ମତାନୁଯାୟୀ ବାହାଘର ଏବଂ ଶିକ୍ଷା ସମ୍ବନ୍ଧରେ ତାଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସୁଛି ବୋଲି ଆମେ ଜାରିବାକୁ ପାଇଲୁ । ‘‘ ପଢ଼ାଲେଖା କନ୍ୟାମାନେ ଲୋକପ୍ରିୟ’’ ଏବଂ ଝିଅମାନଙ୍କ ସାକ୍ଷରତା ଅନୁପାତ ବୃଦ୍ଧିପାଇ ୩୮ ପ୍ରତିଶତ ଅଛି ।

## ବର୍ଷାନିର୍ଭରଶୀଳ ସ୍ଥାନରେ ଯେଉଁମାନେ କାମ କରୁଛନ୍ତି ସେମାନଙ୍କୁ ସହାୟତା ଯୋଗାଇ ଦିଆଯାଉଛି - ସାମାଜିକ ପୁଞ୍ଜିଗଠନ ଦ୍ୱାରା ।



କିଛି ସରକାରୀ ସାହାଯ୍ୟ ଏହି ଗ୍ରାମରେ ପହଞ୍ଚି ଥିଲେ । ଏବଂ ହିନ୍ଦୁସ୍ଥାନ ଫର୍ଟିଲାଇଜର୍ କର୍ପୋରେସନ ପକ୍ରିୟା ମଧ୍ୟ ଏହାକୁ ବହୁତ ସାହାଯ୍ୟ କରିଥିଲେ । ପୁଣି ୧୯୯୫ ରେ ହିନ୍ଦୁସ୍ଥାନ ଫର୍ଟିଲାଇଜର୍ କର୍ପୋରେସନ୍, କୃଷକ ଭାରତୀ କର୍ପୋରେସନ୍ (କ୍ରିବ୍କୋ), ଏବଂ ୟୁକେ ସରକାରର ସହଯୋଗରେ ଲୋକମାନଙ୍କୁ ଉତ୍ସାହିତ କରିବା ପାଇଁ ଏବଂ ସେମାନଙ୍କୁ ଏକଜୁଟ କରି ଅଗ୍ରସର ହେବାପାଇଁ ପ୍ରତିଶୃତି ବଦ୍ଧ ହେଇଥିଲେ । ଏହି ମିଳିତ ପରିଚାଳନା ଇ.ଆଇ.ଆର୍. ଏଫ୍‌ପି ବିରେନ୍ଦ୍ର ସିଂ ଦ୍ୱାରା ପଶ୍ଚିମବଙ୍ଗରେ ପରିଚାଳିତ ହୋଇଥିଲେ । ଏବଂ ଏହି ପରିଚାଳନା ସେହି ଲୋକମାନଙ୍କୁ ସାହାଯ୍ୟ କରୁଥିଲା ଯେଉଁମାନେ ବର୍ଷା ନିର୍ଭରଶୀଳ ସ୍ଥାନମାନଙ୍କରେ କାର୍ଯ୍ୟ କରୁଥିଲେ ସାମାଜିକ ପୁଞ୍ଜିଗଠନ ଦ୍ୱାରା । ଏହାକୁ ପ୍ରଭାତ୍ କୁମାର ପାଠକ୍ କହିଥିଲେ । ବିରେନ୍ଦ୍ର ସିଂଙ୍କ ମତରେ ସାମାଜିକ ପୁଞ୍ଜି ସମାଜ ଦ୍ୱାରା ଏବଂ ସମାଜ ମଧ୍ୟରେ ଉଚ୍ଚକୋଟୀର ପ୍ରେରଣା ଏବଂ ଜାଗୃତି ଜଗାଏ ଯାହାକି ସମର୍ପିତ ଗୋଷ୍ଠୀ ସଂଚାଳକ ଦ୍ୱାରା ସମ୍ଭବ ଅଟେ ।

ଏହାଦ୍ୱାରା ଅଧିକାଂଶ ସାମାଜିକ ପୁଞ୍ଜି ସଂଗ୍ରହ କରାଯାଇଛି । ଗ୍ରାମର ଅଧିକାଂଶ ଲୋକ ଅନୁସୁଚିତ ଜାତି ଓ ଜନଜାତିର ଅଟନ୍ତି । ଅନୁସୁଚିତ ଜାତିରେ କାଳନ୍ଦୀ ଓ ସାହି ଏବଂ ଅନୁସୁଚିତ ଜନଜାତିରେ ମହାତ, ଗୋରାଇ ଆଉ ମଣ୍ଡଲ୍ ସେହି ସ୍ଥାନରେ ବାସ କରନ୍ତି । କିଛି ନୂତନ ସାମାଜିକ ପୁଞ୍ଜିର ଉତ୍ପତ୍ତି ହୋଇଥିଲା, ଏକ ପରିବାର ଚାରା ବୃଦ୍ଧିକରଣ ଦଳ, ଏକ ନର୍ସରୀବୃଦ୍ଧି ଦଳ ଏବଂ ମତ୍ସଚାଷ ପରିଯୋଜନା ଯାହାକି ଏକ ଗ୍ରାମ୍ୟ ଗୋଷ୍ଠୀ ଦ୍ୱାରା ପରିଚାଳିତ ଥିଲା ।

## ୨୦୦୩ କୁ ପ୍ରତ୍ୟାବର୍ତ୍ତନ

୨୦୦୩ ସେପ୍ଟେମ୍ବରରେ ଆମକୁ ଜବାରାହକୁ ଫେରିବାକୁ ଏକ ସୁଯୋଗ ମିଳିଥିଲା, ଗ୍ରାମୀଣ ବିକାଶ ଟ୍ରଷ୍ଟ (ଜିଭିଟି), ଏନ୍. ଜି ଓ ଯାହାକି ଇଆଇ ଆର୍ ଏଫ୍ ପି ଏବଂ ଅଜିତ୍ ବାନାର୍ଜୀ, ବ୍ରାଞ୍ଚ ମ୍ୟାନେଜର୍ ମଉଭୂମ୍ ଗ୍ରାମୀଣବ୍ୟାଙ୍କ ସହିତ ଯିବାର ସୁଯୋଗ ପାଇଥିଲୁ । ଏହି ସମୟରେ ଆମ ଦଳରେ କୁହୁସ୍ ଅନ୍‌ସାରୀ ଜଣେ ଜାନ୍‌କାର୍ ପଶ୍ଚିମବଙ୍ଗର କାଇପାରଗ୍ରାମର, ଭୀମ୍ ନାୟକ ଏବଂ ରାସ୍ ବିହାରୀ ବରାଇକ୍, ମତ୍ସଦଳ ମୁଖ୍ୟ ପଡୋଶୀ ଝାଡଖଣ୍ଡ ରାଜ୍ୟର ଏବଂ ଉଇଲିୟମ୍ ସାଭେଜ୍ କୁ ମିଶାଇଥିଲୁ ଯେ କି ମତ୍ସ ଚାଷ ବିଷୟରେ ଲୋକମାନଙ୍କୁ ପୂର୍ବ ଆଞ୍ଚଳିକ କୃଷକମାନଙ୍କୁ ନୀତି ପରିବର୍ତ୍ତନ ଏବଂ ସେବା ସୁଯୋଗ ବିଷୟରେ ଜାଗୃତ କରାଇଲା । ଜିଭିଟିର ସହଯୋଗରେ ଜବାରାହରେ ନିର୍ମିତ ଏକ ସଭା ଗୃହରେ ଆମ୍ଭେମାନେ ଏକତ୍ରିତ ହେଲୁ । ୩ଟି ଛୋଟ ଦଳରୁ ୪୦ଟି ସୁସଂଗଠିତ ସ୍ୱୟଂ ସହାୟକ ଦଳ ଗଢ଼ି ଉଠିଥିଲା, ସହାୟତା କେବଳ ଜବାରାହରେ ଗ୍ରାମରେ ସୃଷ୍ଟି ହୋଇ ନଥିଲା (ଜବାରାହ, ବୁଧୁଦିନ୍, କୁଲାବାହାଲ୍ ଏବଂ ପୁଞ୍ଜିଦିନ୍) କିନ୍ତୁ ୨୦୦୦ ମସିହାରୁ ୨୪ଟି ପଡୋଶୀ ଗ୍ରାମରେ ମଧ୍ୟ ପହଞ୍ଚି ଥିଲା ।

# ଦୋବା ପଦ୍ଧତି

ସାତୋଟି ସ୍ୱୟଂ ସହାୟକ ଦଳ ଗୁଡିକ ବର୍ତ୍ତମାନ ମତ୍ସଚାଷ ପରିଚାଳନା କରୁଛନ୍ତି । ଏକ ଦଳ ନବୋଦୟ ୧୯୯୮ ମସିହାରୁ ଋତୁକାଳୀନ ପୋଖରୀରେ ବଡ ଜାଆଁଳ ପାଳନ କରି ବଡ଼ ପୋଖରୀ ଏବଂ ଜଳାଶୟଗୁଡିକରେ ସଂଗ୍ରହ କରୁଛନ୍ତି । ଆମ୍ଭେମାନେ ନିତ୍ୟ ଗୋପାଳ ଜାନ୍‌କାର୍‌ଙ୍କୁ ଗତ ପାଞ୍ଚବର୍ଷ ତଳର ଅନୁଭୂତି ବିଷୟରେ ପଚାରିଲୁ । ସେ କହିଲେ ଯେ ଏହି ଉପାୟ ଇ ଆଇ. ଆର୍ ଏଫ୍ ପି ଦ୍ୱାରା ପରିଚିତ କରାଯାଇଥିଲା ଏବଂ ଏହା ''ଦୋବା ପଦ୍ଧତି'' ନାମରେ ନାମିତ କରାଯାଇଥିଲା । ସାମଲ୍ ଯାଦବ, ପଶ୍ଚିମବଙ୍ଗର ଜିଭିଟିର ରାଜ୍ୟ ସଂଯୋଜକ କହିଲେ ଯେ ଲୋକମାନଙ୍କ ମତ୍ସଚାଷ ସମନ୍ଧୀୟ ବିକଳ୍ପ ଏବଂ ଦୋବାର ବ୍ୟବହାର ଏବଂ ଋତୁକାଳୀନ ଜଳାଶୟ ଗୁଡିକ ଡି.ଏଫ୍. ଆଇ.ଡି ଏନ୍ ଆର୍ ଏସ୍ ପି. ଯୋଜନା ଯାହାକି ୧୯୯୬ -୨୦୦୦ ଠାରୁ ଭାରତର ପୂର୍ବ ମାଳ ଅଞ୍ଚଳର ଚାଷ ପ୍ରକ୍ରିୟା ମଧ୍ୟରେ ମତ୍ସଚାଷ ସମ୍ମିଳନରେ ତିଆରି କରାଯାଇଥିଲା । ତ'ାର ସହାୟତାରେ ପରିଚାଳନା କରାଯାଉଥିଲା । ଏକ ପଥପ୍ରାନ୍ତ ନାଟକ ଯାହାର ନାଁ ଥିଲା 'ଛୋଟ ମାଛର ପୋଖରୀ' ଏବଂ ଏହି ନାଟକର ରଚୟିତା ରାକେଶ ରେହ୍‌ମାନ୍ ଏହି ନାଟକ ଦ୍ୱାରା ଗାଁ ଲୋକଙ୍କର ଜୀବନ ପଦ୍ଧତି ବିଷୟରେ ଏବଂ ଅନ୍ୟ ଋତୁ ଯେଉଥିରେ ଧାନଚାଷ ହୁଏ ନାହିଁ ସେହି ସମୟରେ ଦୋବାମାନଙ୍କରେ ମାଛ ମଞ୍ଜି ପାଳନ କରିବା ଦ୍ୱାରା ଲୋକମାନଙ୍କର ସ୍ଥାନାନ୍ତରଣକୁ କିପରି ଭାବେ ଅବରୋଧ କରାଯାଇପାରିବ ସେ ବିଷୟରେ ନାଟକରେ ଦର୍ଶାଇଥିଲେ, ଦେବା ଏକ ଛୋଟ ପୋଖରୀ ଅଥବା ଏକ ବଡ଼ ଖାଲୁଆ ସ୍ଥାନ ଯେଉଁଠାରେ ବର୍ଷା ପାଣି ଏକତ୍ର ହୋଇଯାଏ । ଏହିଭଳି ଦୋବା ତାଙ୍କ ଘର ମାନଙ୍କ ପାଖରେ ଓ ଧାନକ୍ଷେତରେ ଥାଏ ।

ନିତ୍ୟ ଗୋପାଳ କହନ୍ତି ଯେ ବାଙ୍କୁରା ସହରରେ, ଦଳଗୁଡିକ ଭାରତର ତିନି ମୁଖ୍ୟଶ୍ରେଣୀର ମାଛ ବିହନ କିଣିଥାନ୍ତି (ତିନିଟି ପ୍ରକାରର ଯାହାକି ରୋହି, କାତ୍‌ଲା, ମିରିକାଳି ଏକତ୍ର ବିକ୍ରି ହୁଏ) । ଏହି ମାଛଗୁଡିକ ଅଳ୍ପ ଅଳ୍ପ ଭିନ୍ନଧରଣ ପୋଖରୀର କ୍ଷୁଦ୍ର ଜୀବକୁ ଖାଦ୍ୟରୂପେ ଗ୍ରହଣ କରିଥାନ୍ତି । ପ୍ରତ୍ୟେକ ଶ୍ରେଣୀର ମାଛ ପୋଖରୀର ବିଭିନ୍ନ ଅଂଶକୁ ଅଧିକାର କରିଥାନ୍ତି ଯାହାଦ୍ୱାରା ପୋଖରୀର ପ୍ରତ୍ୟେକ ସ୍ଥାନ ଏବଂ ସଂପଦ ବ୍ୟବହୃତ ହୋଇଥାଏ । ଏହି ମାଛଗୁଡିକ ଲୋକମାନଙ୍କର ମଧ୍ୟ ଖାଦ୍ୟଭାବରେ ପ୍ରିୟ । ଏଠାରେ ଗୋଟିଏ ସମସ୍ୟା ଦେଖାଯାଏ ଯେ ମାଛ ବିହନ ପାଇବା ପାଇଁ ଆଗ୍ରହୀ ଗ୍ରାମମାନଙ୍କର ଅନୁସନ୍ଧାନ କାରଣ ଗୋଟେ ଥର ସହରରୁ ଆସୁଥିବା ମାଛ ବିହନ ୩/୪ଟି ଗ୍ରାମରେ ବିତରଣ ପାଇଁ ପ୍ରଚୁର ଅଟେ ।

### କେବଳ ଜଣେ ଧନୀ ବ୍ୟକ୍ତି ଏକ ସ୍ଥାୟୀ ଜଳାଶୟ ପାଇପାରେ ।

ଅନେକ ସ୍ଥାନୀୟ ପରିବାର ଭଳି, ନବୋଦୟ ଦଳର ସଭ୍ୟମାନେ ମଧ୍ୟ ମତ୍ସଚାଷ ସଂସ୍ଥାଦ୍ୱାରା ବୃଦ୍ଧିପ୍ରାପ୍ତ ଶ୍ରେଣୀଭୁକ୍ତ ମତ୍ସ ଲାଳନପାଳନ ପାଇଁ ଏକ ବୃହତ୍ ସ୍ଥାୟୀ ଜଳାଶୟ ପାଇପାରନ୍ତି ନାହିଁ । ନିତ୍ୟ ଗୋପାଳ କହନ୍ତି ଯେ ''ବର୍ଷା ନିର୍ଭରଶୀଳ ସ୍ଥାନରେ'' ପାଣିର ବହୁତ ଚାହିଦା ରହିଛି । କେବଳ ଜଣେ ଧନୀବ୍ୟକ୍ତି ହିଁ ନିଜସ୍ୱ ଏକ ସ୍ଥାୟୀ ଜଳାଶୟ ରଖିପାରେ ।ସେମାନେ କେତେଗୁଡିଏ ଦୋବା ଏବଂ ୫ଟି ଋତୁକାଳୀନ ପୋଖରୀ ସେମାନଙ୍କର ବ୍ୟବସାୟ ପାଇଁ ବ୍ୟବହାର କରନ୍ତି, ଯାହାକି ମାଛ ଜାଆଁଳ ଛାଡ଼ିବାରେ ଓ ମାଛ ଜାଆଁଳ ଡୋବାରେ ପାଳନ କରିବା ପାଇଁ ସଂପୃକ୍ତ ଥା'ନ୍ତି । ତାପରେ ସେମାନେ ବିଭିନ୍ନ ଛୋଟ ପୋଖରୀ ବଡ଼ ଜାଆଁଳ କରିବା ପାଇଁ ବ୍ୟବହାର କରନ୍ତି ଯାହାକି ବର୍ଷା ଉପରେ ନିର୍ଭର କରେ । ଏଥିପାଇଁ ସେମାନେ ୨ ରୁ ୫ଟି ଡୋବା ବ୍ୟବହାର କରନ୍ତି ।

ମାଛ ଜାଆଁଳ ଆସିବାପୂର୍ବରୁ ଡୋବାଗୁଡିକୁ ସେମାନଙ୍କୁ ଗ୍ରହଣ କରିବାକୁ ପ୍ରସ୍ତୁତ କରାଯାଏ । ପ୍ରଥମରେ କେବଳ ଗୋବର ଖତ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଉଥିଲା । କିନ୍ତୁ କାଳକ୍ରମେ ଦଳଗୁଡିକ ବିଭିନ୍ନ କାର୍ଯ୍ୟକ୍ରମକୁ ଗ୍ରହଣ କରିଛନ୍ତି । ସେମାନେ ବର୍ତ୍ତମାନ ଚୂନ, ସାର, ୟୁରିଆ ଏବଂ ସୁପର୍‌ଫସ୍‌ପେଟ ବ୍ୟବହାର କରନ୍ତି ଏକ ଉଚ୍ଚକୋଟୀର ପ୍ଲାଙ୍କ୍‌ଟନ୍ ଉତ୍ପାଦନ ପାଇଁ ଯାହାକି ଏକ ପ୍ରାକୃତିକ ଖାଦ୍ୟ ବ୍ୟବସ୍ଥା । ଏହା ବ୍ୟତୀତ ସେମାନେ ୨-୩ ଦିନ ମଧ୍ୟରେ କୁଣ୍ଡା ଖାଦ୍ୟ ହିସାବରେ ବ୍ୟବହାର କରନ୍ତି । ନିତ୍ୟ ଗୋପାଳ ବର୍ଣ୍ଣନା କରନ୍ତି ଯେ ଛୋଟ ଡୋବାରେ ମାଛ ପାଳନ କରିବା ସହଜ ହୋଇଥାଏ କିନ୍ତୁ ଯେତେବେଳେ ସେମାନେ ବଢ଼ନ୍ତି ଅତିଶୀଘ୍ର ସେମାନେ ଘନ ଭାବରେ ଡୋବାରେ ଭର୍ତ୍ତି ହୋଇଯାଏ । ସେତେବେଳେ ସେମାନଙ୍କୁ କମାଇବା ପାଇଁ ଋତୁକାଳୀ ପୋଖରୀକୁ ସେମାନଙ୍କୁ ସ୍ଥାନାନ୍ତରିତ କରିଦିଆଯାଏ । ଯେଉଁ ପୋଖରୀକି ସମାନ୍ ପ୍ରଣାଳୀରେ ପ୍ରସ୍ତୁତ କରାଯାଇଥାଏ ।



## ଯଦି ଆମେ ସେପ୍ଟେମ୍ବର - ଅକ୍ଟୋବରରେ ବର୍ଷା ପାଉ, ତେବେ ଜଳ ସାଧାରଣତଃ ଜାନୁୟାରୀ ପର୍ଯ୍ୟନ୍ତ ରହିଥାଏ ।



ପାଞ୍ଚବର୍ଷ ମତ୍ସ୍ୟପାଳନ କରିବା ପରେ ଦଳ ବର୍ତ୍ତମାନ ବିଶେଷ ଅନୁଭବୀ ହୋଇ ଥିଲେ ଏବଂ ନିତ୍ୟଗୋପାଳ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟ ବିଷୟରେ ଦୃଢ଼ତାର ସହ ବର୍ଣ୍ଣନା କରନ୍ତି ।

ଆମେ ଡ଼ିସେମ୍ବର ଠାରୁ ଡୋବା ପ୍ରସ୍ତୁତ କରୁ । ବର୍ଷା ଯେତେଶୀଘ୍ର ଆରମ୍ଭ ହୁଏ ଆମେ ସେତେଶୀଘ୍ର ବିହନ କିଣୁ । ଆମେ ପାଣିର ଗୁଣବତ୍ତାକୁ ଲିଟମସ୍ ପେପର୍ ଦ୍ୱାରା ପରୀକ୍ଷା କରୁ । ଯଦି ଏହି ପେପର୍ ଲାଲ୍ କି ଗୋଲାପି ହୁଏ, ତେବେ ସେଥିରେ ଚୂନ ମିଶାଉ । ଆମ୍ଭେମାନେ ଏକ ପ୍ଲାଙ୍କଟନ୍ ଜାଲ ଦ୍ୱାରା ପ୍ରତି ୩ ରୁ ୭ ଦିନରେ ମାଛର ଘନତ୍ୱକୁ ପରୀକ୍ଷା କରିଥାଉ । ଯଦି ଘନିତ୍ୱ ଅଧିକା ଥାଏ ତେବେ ଆମେ ତାହା ବାରମ୍ବାର କରିଥାଉ । ଆମେ ଏକ ଟ୍ୟୁବ୍ ଦ୍ୱାରା ପ୍ଲାଙ୍କଟନ୍‌କୁ ପରୀକ୍ଷା କରିଥାଉ । ଯଦି ଟ୍ୟୁବ୍‌ଟି ପ୍ଲାଙ୍କଟନ୍ ଦ୍ୱାରା ଭର୍ତ୍ତି ହୋଇଯାଏ ତେବେ ଆମ୍ଭେମାନେ କୁଣ୍ଡାଇ ପରିମାଣକୁ କମ୍ କରିଦେଇଥାଉ ଯଦି ପ୍ଲାଙ୍କଟନ୍‌ର ପରିମାଣ କମ୍ ଥାଏ ଆମେ ଅଧିକା କୁଣ୍ଡା ଓ ସାର ପାଣିରେ ମିଶାଇଥାଉ । ଏପ୍ରେଲ୍ ଠାରୁ ଜୁନ୍ ପର୍ଯ୍ୟନ୍ତ ଯେତେବେଳେ ମାଛର ଘନତ୍ୱ ବଢ଼ିଯାଏ ଆମେ ସେହି ଘନତ୍ୱକୁ ପାତଳା କରିବା ପାଇଁ ମାଛଗୁଡିକୁ ଋତୁକାଳୀନ ପୋଖରୀକୁ ସ୍ଥାନାନ୍ତରିତ କରିଥାଉ । ତା'ପରେ ସେପ୍ଟେମ୍ବରରୁ ଅକ୍ଟୋବର ପର୍ଯ୍ୟନ୍ତ ମାଛଗୁଡିକୁ ବଡ଼ କରିଥାଉ ଯେତେବେଳେ କି ୧୦ଟି ମାଛର ଓଜନ ୧ କି.ଗ୍ରା ହୋଇଥାଏ । ଯଦି ଆମ୍ଭମାନଙ୍କ ପାଖରେ ସିଲଭର୍‌କାର୍ପ ଓ କମନ୍‌କାର୍ପ ଥାଏ । ସେଗୁଡିକର ଓଜନ ୨୫୦ ରୁ ୩୦୦ ମଧ୍ୟରେ ହୋଇଥାଏ । ରୋହୀ, କାତଲ୍, ମିରିକାଳିର ଓଜନ ୫୦ ରୁ ୧୦୦ଗ୍ରା. ମଧ୍ୟରେ ହୋଇଥାଏ । ଏହାପରେ ଯଦି ସେପ୍ଟେମ୍ବର ଅକ୍ଟୋବରରେ ବର୍ଷାହୁଏ, ପାଣି ସାଧାରଣତଃ ଜାନୁୟାରୀ ମାସ ପର୍ଯ୍ୟନ୍ତ ରହିଥାଏ । ସେତେବେଳେ ଭାରତର ମୁଖ୍ୟ ମାଛ ଗୁଡିକ ୨୫୦ ରୁ ୩୦୦ ପର୍ଯ୍ୟନ୍ତ ହୁଏ ଏବଂ କିଛି ସିଲଭର୍ କାର୍ପ ଓ କମନ୍ କାର୍ପ ୫୦୦ଗ୍ରାମ୍ ପର୍ଯ୍ୟନ୍ତ ବଢ଼େ ।

### ଯଦି ଆମେ ମାଂସ ଖାଇବାକୁ ଇଚ୍ଛା କରିବୁ ତେବେ ଅନେକଙ୍କ ପାଇଁ ଏକ ଛେଳି ଆବଶ୍ୟକ କିନ୍ତୁ ଗୋଟିଏ ମାଛ କେବଳ ଜଣେ କିମ୍ବା ଦୁଇଜଣ ପାଇଁ ଯଥେଷ୍ଟ ।

କ'ଣ ତୁମର ପ୍ରଧାନ ବଜାର? ଆମ୍ଭେମାନେ ପଚାରିଲୁ । ଆମ୍ଭେମାନେ ମାଛ ଖାଉ'' ନିତ୍ୟ ଗୋପାଳ କହିଲେ । ଏହା କେବଳ ୩୦ ଟଙ୍କା କିଲୋ, ଯେତେବେଳେ କି କୁକୁଡ଼ା କିଲୋ ୧୦୦ଟଙ୍କା । ଯଦି ଆମେ ମାଂସ ଖାଇବା ପାଇଁ ଚାହୁଁ ତେବେ ଗୋଟିଏ ଛେଳି ଅନେକଙ୍କ ପାଇଁ କନ୍ତୁ ଗୋଟିଏ ମାଛ ଜଣେ କିମ୍ବା ଦୁଇ ଜଣ ପାଇଁ ଯଥେଷ୍ଟ । ଆମ୍ଭେମାନେ ବିଭିନ୍ନ ପ୍ରକାର ଉତ୍ପାଦନ ବିକ୍ରୀ କରିଥାଉ । ବଡ଼ ଜାଆଁଳର ଦରରେ ଭିନ୍ନତା ଥାଏ । ପ୍ରଥମ ଅବସ୍ଥାରେ ବଡ଼ ଜାଆଁଳର ଦାମ୍ ଭଲ ମିଳେ । ଯେତେବେଳେ ଆମେ ବହୁତ ବେଶୀ ଜାଆଁଳ ବର୍ଷା କାଳୀନ ପୋଖରୀରେ ସଂଗ୍ରହ କରୁ ସେଗୁଡ଼ିକର ବୃଦ୍ଧିରୋଧ ହୁଏ । ସମସ୍ତେ ଜାଣନ୍ତି ଯେ, ମାଛ ଗୁଡିକୁ ଯେତେବେଳେ  ଗୋଟିଏ ବଡ଼ ପୋଖରୀରେ ଛାଡୁ ସେମାନଙ୍କର ବୃଦ୍ଧି ବହୁତ ଅଧିକ ହୁଏ (ଏକ ଅସାମାନ୍ୟ କଥା ଯାହା ମତ୍ସ୍ୟଚାଷ ଜୀବ ବିଜ୍ଞାନୀ ମାନେ କହନ୍ତି ''କମ୍‌ପେନ୍ ସେଟରୀ  ଗ୍ରୋର୍ଥ ) ତେଣୁ ସ୍ଥାୟୀ ଜଳାଶୟର ଅଧିକାରୀମାନେ ଏହି ବଡ଼ ଜାଆଁଳ ଆମ ପାଖରୁ ୯୦ ରୁ ୧୦୦ଟଙ୍କା ଦରରେ କିଣିଥାନ୍ତି । ପୋଖରୀର ବଳକା ମାଛ ଆମେ ଅମଳ କରି ୨୦ ରୁ ୩୦ ଟଙ୍କାରେ ବିକ୍ରୀ କରୁ ବଡ଼ ମାଛ କୁ ୬୦ ରୁ ୭୦ ଟଙ୍କାରେ ବିକ୍ରୀ କରୁ ପୋଖରୀର ମାଲୀକକୁ ଶାବକ ସମବାୟର ଚୁକ୍ତା ଭାବରେ''

ନମନୀୟ ଗ୍ରାମ୍ୟ ଋଣର ଉଦ୍ୟମ ଶୀଳ ପ୍ରଭାବ ୨୦୦୦ ମସିହା ମେ ମାସରେ ସଂଘ ସହାୟକ ଦଳର ମହତ୍ ଉତ୍ସାହ ପାଇଁ ରିଜର୍ଭ ବ୍ୟାଙ୍କ ଅଫ୍ ଇନ୍‌ଡିଆ ଏକ ନୋଟିସ୍ ଜାରି କରିଥିଲା । ଏହା ଗ୍ରାମ୍ୟ ବ୍ୟାଙ୍କରେ ଛୋଟ-ଋଣ ସମ୍ବନ୍ଧିୟ ଥିଲା । ଏହି ନୋଟିସ୍ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କମାନଙ୍କୁ ଆଦେଶ ଦେଇଥିଲା, ସ୍ଥାନୀୟ ଅର୍ଥନୈତିକ ଉତ୍ପାଦନ ଯାହାକି ସଂଘ ସହାୟକ ଦଳକୁ ସିଧା ସଳଖ ପ୍ରଭାବିତ କରିବ ସେ ଦିଗରେ କାର୍ଯ୍ୟ କରିବା ପାଇଁ । ତାହା ହୋଇପାରେ ଅତିଶୀଘ୍ର ଋଣ ମଞ୍ଜୁର କରିବା (ତିନି ଦିନ ଭିତରେ ଏହା ବ୍ୟକ୍ତି ବିଶେଷ ରେ ସମିତି ନ ରହି ଦଳକୁ ଦିଆଯିବା, କୌଣସି ପ୍ରମାଣ ପତ୍ରର ଆବଶ୍ୟକ ବିନା, ଋଣ ଫେରାଇବାର ନମନୀୟ ସମୟ ସୀମା ଯେପରି ତାହା ଜଳ ଋଣର କିଛି ଅଂଶ ବା ସଂପୂର୍ଣ୍ଣ ଋଣ ଯେକୌଣସି ସମୟରେ ଫେରାଇ ପାରିବ ତିନି ବର୍ଷର ସମୟ ସୀମା ମଧ୍ୟରେ । ବାର୍ଷିକ ସୁଧହାର ୧୨% ଯେଉଁଠିକି ମହାଜନର ସୁଧହାର ମାସକୁ ୫ ରୁ ୧୦% ହୋଇଥାଏ ବ୍ୟାଙ୍କ ଛୋଟରୁ ଛୋଟ ଋଣ ଯେପରି ୫୦୦ଶହ ଟଙ୍କାରୁ ନେଇ କିଛି ଶହ ଓ ହଜାର ପର୍ଯ୍ୟନ୍ତ ମଞ୍ଜୁର କରୁଥିଲା । ବର୍ତ୍ତମାନ ଦଳ ୨-୩ଟି ଲୋକଙ୍କୁ ମନୋନୀତ କରି ବ୍ୟାଙ୍କକୁ ପଠାନ୍ତି ସେମାନଙ୍କର ସ୍ଥାୟୀତ୍ୱ ପ୍ରମାଣ ପତ୍ର (ଦଳର ସ୍ଥାୟୀତ୍ୱ ପ୍ରମାଣ) ଏବଂ ଦଳର ଜମାରାଶି ପୁଣି ଋଣ ନେବା ବିଷୟରେ ପ୍ରସ୍ତାବ, କେଉଁ ଉଦ୍ୟୋଗରେ ଋଣ ନିଆଯିବ ଏ ସମସ୍ତ ବିଷୟ ବୁଝିବା ପାଇଁ ବ୍ୟାଙ୍କ ଋଣର ଏକ ସଂପୂର୍ଣ୍ଣ ଚୁକ୍ତିପତ୍ର ଦରକାର କରନ୍ତି ଯହାକୁ ଡିମାଣ୍ଡ ପ୍ରମିସରୀ ନୋଟ କୁହାଯାଏ । ଯେ କୌଣସି ଦଳ ସଂପୂର୍ଣ୍ଣ ଋଣ ସୋଧ କରିବା ପରେ ଦ୍ୱିତୀୟ ଋଣ ପାଇ ପାରନ୍ତି ।



**ସଂଘ ସହାୟକ ଦଳ ଯେଉଁ ମାଛ ଉତ୍ପାଦନ କରନ୍ତି ତାହାହିଁ ଦଳର ସର୍ବଶ୍ରେଷ୍ଠ ଜମାରାଶୀ ।**

ରିଜର୍ଭ ବ୍ୟାଙ୍କ ଗୋଟିଏ ନିୟମ କଲେ ଯେଉଁଥିରେ କି ଋଣର ପରିମାଣ କୁ ସମିତି କରାଗଲା ସେମାନେ ଦଳର ଜମା ରାଶିର ଚାରିଗୁଣରୁ ଅଧିକା ଋଣ ନେଇ ପାରିବେ ନାହିଁ । ଅଜିତ୍ ବେନାରଜୀ ଲୁଧିରକାର ବ୍ରାଞ୍ଚ ମ୍ୟାନେଜର କହନ୍ତି ସଂଘ ସହାୟକ ଦଳ ଯେଉଁ ମାଛ ଉତ୍ପାଦନ କରନ୍ତି ତାହ ଅତ୍ୟନ୍ତ ସଫଳ ଏବଂ ତାହାହିଁ ସେମାନଙ୍କର ସର୍ବତ୍‌କୃଷ୍ଟ ଜମାରାଶି । ଏବଂ ସେଥିପାଇଁ ସେମାନେ ଅଧିକ ଋଣ ପାଇବା ପାଇଁ ଉପଯୋଗୀ । ଉଦାହରଣ ସ୍ୱରୂପ ସିଧୁ କାନୁ ମତ୍ସ୍ୟ ଚାଷ ଦଳ (ଏକ ଆଦିବାସୀ ବ୍ୟକ୍ତି ଉପରେ ନାମିତ) ଯେଉଁମାନଙ୍କର ଜମାରାଶି ତାଙ୍କର ବ୍ୟବହାର କରୁଥିବା ପୋଖରୀ ଛଡା ୪୦,୦୦୦ ହଜାର ରୁ ଅଧିକ ଟଙ୍କା । ଡିଓଲର ଆଦିବାସୀ ସାନ୍ତାଳ ଗ୍ରାମର ମତ୍ସ୍ୟ ଚାଷୀ ଦଳ ଏଇନୁଲ୍ ସାଲ୍‌ମେଟ୍ ଯେଉଁମାନଙ୍କର ଜମାରାଶି ୨୦୦,୦୦୦ ଟଙ୍କାରୁ ଅଧିକ । ସେମାନେ ମାତ୍ର ୩୦,୦୦୦ ହଜାର ଟଙ୍କା ଋଣ ପାଇଁ ଦରଖାସ୍ତ ଦେଇଛନ୍ତି, ସେମାନଙ୍କର ମାଛଚାଷ ଓ ମାଛଖାଦ୍ୟ ପାଇଁ । ନବୋଦୟା ଦଳର ନିଦମ୍ବ ଜମାରାଶି ରହିଛି ପୁଣି ନିକଟ ଭବିଷ୍ୟତରେ ସେମାନେ ଗୋଟିଏ ଋଣ ରାଶି ୧୫,୦୦୦ ହଜାର ଟଙ୍କା ଖର୍ଚ୍ଚ କଲେ ୦.୮ ହେକ୍‌ଟରର ଗୋଟିଏ ପୋଖରୀ କିଣିବା ପାଇଁ ପୁଣି ୨.୪୦୦ ବଡ଼ ଜାଆଁଳ ସଂଗ୍ରହ କରିବା ପାଇଁ ।

**ଦଳମାନଙ୍କ ଦ୍ୱାରା ଋଣକୁ ସେମାନଙ୍କର ସଂପତ୍ତି ବୋଲି ବିବେଚନା କରାଯାଉଛି ପୁଣି ଏହାକୁ ଖର୍ଚ୍ଚ କରିବା ଓ ଋଣ ଫେରାଇବା ପାଇଁ ବ୍ୟବହାର କରାଯାଉଛି ।**

ଅଜିତ୍ ବାନାର୍ଜୀ କହିଲେ, ''ଏକ ବିରାଟ ପରିବର୍ତ୍ତନ'' ତାହା ହେଉଛି ଦଳମାନଙ୍କ ଦ୍ୱାରା ଋଣଙ୍କୁ ସେମାନଙ୍କର ସମ୍ପତ୍ତି ବୋଲି ବିବେଚନା କରାଯାଉଛି ପୁଣି ଏହାକୁ ଖର୍ଚ୍ଚ କରିବା ଓ ଋଣ ଫେରାଇବା ପାଇଁ ବ୍ୟବହାର କରାଯାଉଛି, ଖରାପ ଋଣ ସଂଶକ୍ତିଶୀଳ ନୁହେଁ । ପାଖାପାଖି ଦଳର ୮୦% ଲୋନ୍ କୁ ମାସିକ ସ୍ତରରେ ଫେରସ୍ତ କରିଥାନ୍ତି (ଉ.ସ୍ୱ- ପାନମସଲା ବିକ୍ରେତାଙ୍କ ପାଇଁ, ବାଉଁଶ ବୁଣାଳୀ ଏବଂ ପ୍ରାଣୀ ବ୍ୟବସାୟ ପାଇଁ) ଏବଂ ଅଗଷ୍ଟ ୨୦୦୨ରୁ ବ୍ୟାଙ୍କ୍ ର ମ୍ୟାନେଜର ମାସ ଶେଷରେ ଗ୍ରାମ୍ୟ ବିକାଶ ଅଫିସରଙ୍କ ସହିତ ଆସନ୍ତି । ଉଦାହରଣସ୍ୱରୂପ ମହାମାୟା ଦଳର ସମସ୍ତ ମହିଳା ଅଟନ୍ତି ଯେଉଁମାନେ କି ବିଭିନ୍ନ ଆୟ ଉତ୍ପାଦନ କାର୍ଯ୍ୟଗୁଡିକରେ ସଂପୃକ୍ତ ଥା'ନ୍ତି ଯଥା ମସଲା ପେଷା, ଏବଂ ଏହାକୁ ପ୍ୟାକିଙ୍ଗ୍ କରି ସ୍ଥାନୀୟ ଜାଗାରେ ବିକ୍ରୀ କରନ୍ତି । ଦଳ ଏକ ମିଶ୍ରଣଯନ୍ତ୍ର କିଣିବା ପାଇଁ ୬,୦୦୦ ଟଙ୍କାର ଲୋନ୍ ନେଇଥିଲା ଯାହାଫଳରେ କି ଏହା ଉଭୟ ସମୟ ଏବଂ କଠିନ ପରିଶ୍ରମ ସଞ୍ଚୟ କରୁଥିଲେ ଏବଂ ଉତ୍ପାଦନ ବୃଦ୍ଧି କରୁଥିଲେ । ଦଳର ପ୍ରତ୍ୟେକ ସଭ୍ୟ ବର୍ତ୍ତମାନ ମାସକୁ ୫୦୦ ରୁ ୬୦୦ ଟଙ୍କା ପର୍ଯ୍ୟନ୍ତ ଉପାର୍ଜନ କରି ପାରୁଛନ୍ତି ।

**ଯଦି ଜଣଙ୍କର ଦୃଢ଼ ଇଚ୍ଛାଶକ୍ତି ଅଛି ତେବେ ପ୍ରତ୍ୟେକ ଗୋଟେ ପଇସା ମଧ ସଞ୍ଚୟ କରିପାରିବ ।**

ବହୁତ ସ୍ୱୟଂ ସହାୟକ ଦଳମାନଙ୍କରେ କେବଳ ମହିଳା ସଦସ୍ୟମାନେ ଅଛନ୍ତି । ଥଣ୍ଡା ମହାତ, ଜଣେ ଜାନ୍‌କାର ଏବଂ ଗ୍ରାମର ଜଣେ ଆଗଭର ମହିଳା କହିଲେ ଯେ ତାଙ୍କର ଦଳ ବିଭିନ୍ନ ସମ୍ବଳମାନଙ୍କରୁ ମଞ୍ଜି କିଣି ଏବଂ ବିଭିନ୍ନ ଗ୍ରାମ ପୋଖରୀକୁ ସଂଗ୍ରହ ନିମନ୍ତେ ବିତରଣ କରେ ଯାହାକି ଗ୍ରାମର ଗ୍ରାମବାସୀମାନଙ୍କର ୧୦୦% ଭାଗ ଥାଏ । ସେ ମଧ ମାଛ ବିକ୍ରୀ କରେ ଯାହାକି ତାର ସ୍ୱାମୀ ପ୍ରାକୃତିକ ସମ୍ବଳ ବା ଗ୍ରାମର ପୋଖରୀମାନଙ୍କରୁ ଧିରେ ଓ ସେଥିରୁ ସେ ବ୍ୟକ୍ତିଗତଭାବେ ଭଲ ଆୟ କରେ । ମୁଁ ନିଜେ ଏହା ବିଶ୍ୱାସ କରେ ଯେ ''ଜଣେ କେବଳ ସଞ୍ଚୟ କରିପାରିବ ।

ଯଦି ଜଣଙ୍କର ପ୍ରବଳ ଇଚ୍ଛାଶକ୍ତି ଥିବା ତେବେ ଗୋଟେ ପଇସା ସଞ୍ଚୟ କରିପାରିବ'', ସେ କହିଲେ ଦର୍ଶାଇଲେ ଯେ ତାଙ୍କର ନାମରେ ଏକ ବ୍ୟାଙ୍କରେ ସେ ୪୦,୦୦୦ ଟଙ୍କା ସଞ୍ଚୟ କରିଛନ୍ତି । ତାଙ୍କ ଦଳରେ ୫ଟି ପରିବାର ଅଛନ୍ତି ଯେଉଁମାନେ ଉପଯୁକ୍ତ ଖାଦ୍ୟ ପାଇପାରନ୍ତି ନାହିଁ ଏବଂ ସେମାନଙ୍କୁ ଚିହ୍ନଟ କରାଯାଇ ସାହାଯ୍ୟ କରାଗଲା ।

ମାଛ ଉତ୍ପାଦନକାରୀମାନଙ୍କୁ ସାଧାରଣତଃ ଅମଳ ସମୟରେ ଲୋନ୍ ଦିଆଯାଇଥାଏ । ଅଜିତ୍ ବାନାର୍ଜୀଙ୍କ ମତାନୁଯାୟୀ ଜବାରାହର ୪୦ଟି ସ୍ୱୟଂ ସହାୟକ ଦଳ ବର୍ତ୍ତମାନ ବହୁତ ଲକ୍ଷ ଟଙ୍କା ସଞ୍ଚୟ କରିଛନ୍ତି ଏବଂ ବ୍ୟାଙ୍କରୁ ମଧ ହଜାର ହଜାର ଟଙ୍କା ଲୋନ୍ ନେଇଛନ୍ତି । ଅଧିକାଂଶ ଦଳର ସ୍ୱୀକୃତି ପ୍ରାପ୍ତ ଲୋନ୍ ସଭାଗୃହର କାନ୍ଥରେ ପୋଷ୍ଟାର୍ ମାନଙ୍କରେ ଦର୍ଶାଇଦିଆଯାଏ ।

**ଆମ୍ଭେମାନେ ଖୁସି ଯେ ଆମେ ଶୁଣାଗଲୁ ଓ ସମ୍ମାନ ପାଇଲୁ ।**

ଏକ ପରିବର୍ତ୍ତନ ବିଷୟରେ କହିବାକୁ ଯାଇ ଜଣେ ମହିଳା କହିଲେ ଯେ ''ବର୍ଷା ଋତୁଗୁଡିକ ହେଉଛି ଗୋଟେ ଅଭିଶପ, ଯେତେବେଳେ ଆମ୍ଭେମାନଙ୍କ ପାଖରେ ପଇସା ନଥାଏ କିମ୍ବା ଖାଇବାକୁ ମଧ କିଛି ନ ଥାଏ । ଆମ୍ଭେମାନେ ଆମର ବାସନ, ସାଇକେଲ୍ ଓ ଅନ୍ୟ ମୂଲ୍ୟବାନ୍ ବସ୍ତୁକୁ ମହାଜନଙ୍କ ପାଖରେ ଅଧିକ ସୁଧରେ ବନ୍ଧକ ରଖି ଲୋନ୍ ଆଣିବା ପାଇଁ ବାଧ ହୋଇଥାଉ । ଆଜି, ଆମେ ସେ ଦୁଃଖ କରୁନାହୁଁ ଯାହା ଗତକାଲି ସାମନ୍ନା କରୁଥିଲୁ ।



ଦଳଗଠନର ନିର୍ଦ୍ଦେଶରେ, ଲଳିତା ମହାତ ଜଣେ ବୟୋଜେଷ୍ଠ ସ୍ତ୍ରୀ କହିଲେ ଏକ ସମୟ ଥିଲା ଯେତେବେଳେ ଆମ୍ଭେମାନେ ଗ୍ରାମର ପୁରୁଷ ଲୋକମାନଙ୍କ ସହ କଥା କହିବା ପାଇଁ ଡରୁ ନଥିଲୁ କିମ୍ବା ଅନ୍ୟ ଅଜଣା ବ୍ୟକ୍ତିଙ୍କ ବିଷୟ ଚିନ୍ତା କରୁନଥିଲୁ । ଆଜି ଆମେ ବ୍ୟାଙ୍କ୍ କୁ ଯାଉଛୁ ଲୋନ୍ ବିଷୟରେ ପଚାରି ବୁଝୁଛୁ । ପଞ୍ଚାୟତ ମୁଖ୍ୟକୁ ଅନୁରୋଧ କରୁଛୁ ଏବଂ ଦୃଢ଼ତାର ସହ ସର୍ତ୍ତଗୁଡିକୁ ସାମ୍ନା କରୁଛୁ । ଆମ୍ଭେମାନେ ଖୁସି ଯେ ଆମେ ଶୁଣାଗଲୁ ଏବଂ ସମ୍ମାନ ପାଇଲୁ ।

ଆମେ ଯେଉଁ ଲୋକମାନଙ୍କୁ ସାକ୍ଷାତ୍ କଲୁ ସେମାନେ ଶୁଣାଗଲେ ଏବଂ ସମ୍ମାନ ପାଇଲେ ସମସ୍ତଙ୍କ ଦ୍ୱାରା ଯେଉଁମାନେ ଜବାରାହକୁ ଭ୍ରମଣ କରିବାକୁ ଯାଉଥିଲେ । କୁଦୁସ୍ ଅନ୍‌ସାରୀ ସହଯୋଗୀ ଜାନ୍‌କାର୍‌ଙ୍କ ସହ ଏକ ଗଭୀର କଥୋପକଥନ କଲେ, କିଛି ଲୋକଙ୍କୁ ଯେଉଁମାନଙ୍କୁ ସେ ଗତ କିଷାନ୍

ମେଳା (କୃଷକ ମେଳା)ରେ ଭେଟି ଥିଲେ । ରାସ୍ ବିହାରି ବରାଇକ୍ ଝାଡ଼ଖଣ୍ଡର ସିଲି ବ୍ଲକ୍ ର ଜଣେ ଜଣାଶୁଣା ମାଛ ମଞ୍ଜି ଉତ୍ପାଦନକାରୀଥିଲେ, ପ୍ରଭାବିତ ହୋଇଥିଲେ କିନ୍ତୁ ସେ ମଧ୍ୟ ଅବଗତ ଥିଲେ ଯେ ମହିଳା ଦଳଗୁଡ଼ିକ ୩୦ ରୁ ୫୦% ମଞ୍ଜି ସ୍ଥାନାନ୍ତରିତ କରିବା ସମୟରେ ହରାଇଥା'ନ୍ତି । ସେ ଉପଦେଶ ଦେଲେ ଯେ ସେ ମାଛ ମଞ୍ଜିର ମୃତ୍ୟୁସଂଖ୍ୟାକୁ କମାଇବାରେ ସକ୍ଷମ ହୋଇପାରିବ, କ୍ଷୁଦ୍ର ପ୍ରାରମ୍ଭରୁ ସେ ଆରମ୍ଭ କରି ବର୍ତ୍ତମାନ ବର୍ଷକୁ ସେ ୧୩ ରୁ ୧୪ ଟନ୍ ମାଛ ମଞ୍ଜି ସ୍ଥାନାନ୍ତରଣ କରୁଛନ୍ତି । ସେ ମଧ୍ୟ ଦଳକୁ କିପରି ସ୍ଥାନୀୟ ଭାବେ ମଞ୍ଜି ଉତ୍ପାଦନ ବିଷୟରେ ଚିନ୍ତା କରିବା ପାଇଁ ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି ।

ଭୀମ ନାୟକ, ଝାଡ଼ଖଣ୍ଡର ବୁନ୍ଦୁବ୍ଲକ୍ ର, ବହୁଳଭାବେ ଅନୁପ୍ରାଣିତ ହୋଇଥିଲେ ଜବାରାହର ମହିଳାମାନଙ୍କର ଉନ୍ନତିରେ କାରଣ ସେମାନେ ନିଜର କାର୍ଯ୍ୟଦ୍ୱାରା ଗ୍ରାମରେ ଉଦାହାରଣ ସ୍ୱରୂପ ହୋଇଥିଲେ । ''ମୁଁ ଏହା ଶୁଣି ମଧ୍ୟ ଖୁସି ଯେ ଗ୍ରାମର ଜଣେ ମଧ୍ୟ ଲୋକ ନିଶାସେବନ କରନ୍ତି ନାହିଁ, ସେ ତାଙ୍କର ଆଖି ଦେଖାଇଲେ ଓ କହିଲେ କିପରି ସେ କିପରି ଇଶ୍ୱରଙ୍କ ଦୟାରୁ ବଞ୍ଚିଯାଇଛନ୍ତି ଯେତେବେଳେ ସେ ଛୋଟ ଥିଲେ ଜଣେ ମହୁଆର ଆକ୍ରମଣରେ ତାଙ୍କ ଆଖିରେ ୮ଟି ସିଲେଇ ହୋଇଥିଲା ।

## କର୍ମସାଧନର ଚିନ୍ତାଧାରା ଯାହାକି କିଛି ବର୍ଷ ପୂର୍ବରୁ କେବଳ ସ୍ୱପ୍ନମାତ୍ର ଥିଲା

ସ୍ୱୟଂ ସହାୟକ ଦଳକୁ ସ୍ୱୟଂ ନିର୍ବାଚନ ପାଇଁ ଏକ ଧର୍ଯ୍ୟଶୀଳ ସହାୟତା - ଇ ଆଇ. ଆର୍. ଏଫ୍ ପି ଏବଂ ବର୍ତ୍ତମାନ ଜିଭିଟ୍ ଗୋଷ୍ଠୀ ସଂଚାଳକ ଦ୍ୱାରା - ଜବାରାହରେ ଏକ ବିକାଶଶୀଳ ପ୍ରକ୍ରିୟାର ମେରୁଦଣ୍ଡ ଅଟେ । ପ୍ରକ୍ରିୟାର ଏକ ଅଂଶ, ବର୍ତ୍ତମାନ ସେହି ଗୋଷ୍ଠୀ ଶକ୍ତିଶାଳୀ ଅଟେ, ୨୦୦୧ରେ ଗୋଷ୍ଠୀ ସଂଚାଳକଙ୍କର କାର୍ଯ୍ୟ ଫେରାଇ ନିଆଗଲା । ଏହି ମିଳିତ ସହାୟତା ସଠିକ୍ ସହ । ନମନୀୟ ବିଶେଷ ବିଦ୍ୟା ଅନୁସନ୍ଧାନ କୃଷକମାନଙ୍କ ଦ୍ୱାରା ଡି.ଏଫ୍.ଆଇ.ଡି. ଏନ୍ ଆର୍ ଏସ୍.ପିର ସହଯୋଗରେ ଏବଂ କେତେଗୁଡିଏ ଉନ୍ନତିଶୀଳ କ୍ଷୁଦ୍ର ଋଣ ସୁଯୋଗ ରିଜର୍ଭ ବ୍ୟାଙ୍କ୍‌ର ପ୍ରଦପ୍ରଦର୍ଶନ ଦ୍ୱାରା ଏବଂ ମୌଭୂମ ଗ୍ରାମୀଣ ବ୍ୟାଙ୍କ୍ ଯତ୍ନଶୀଳ ତତ୍ତ୍ୱାବଧାନରେ ବହୁତ ଗୁଡିଏ ସୁଯୋଗର ଚାବି ଯୋଗାଇଦେଲେ । ବର୍ତ୍ତମାନ ମଧ୍ୟ ବର୍ଷାଜଳ ଜବାରାହର ରାସ୍ତା ଅବରୋଧ କରୁଛି କିନ୍ତୁ ବହୁତ କିଛି ପରିବର୍ତ୍ତନ ହୋଇଛି । ମହିଳା ଓ ପୁରୁଷଙ୍କ ପାଇଁ ସୁଯୋଗ ଆସିଯାଇଛି ଯେ ସେମାନେ କିପରି ସେମାନଙ୍କର ସମ୍ମାନ ଓ ସ୍ୱର ଉତ୍ତୋଳନ କରିପାରିବେ । ଆୟକୁ ଅଧିକ କରିପାରିବେ, ସଞ୍ଚୟ ଏବଂ ସୁରକ୍ଷା ଦେଇପାରିବେ ଋତୁକାଳୀନ ସ୍ଥାନାନ୍ତରଣର, ଆନୁଷ୍ଠାନିକ ବ୍ୟାଙ୍କ ବିଭାଗରେ କାର୍ଯ୍ୟରତ ହୋଇପାରିବ ଏବଂ ଚିନ୍ତାଧାରାକୁ କାର୍ଯ୍ୟସାଧନ କରିପାରିବେ ।



ସାମାଜିକ ପୁଞ୍ଜିଗଠନ ବିଷୟରେ ଅଧିକ ଜାଣିବାକୁ ହେଲେ ଦି ଇଷ୍ଟର୍ନ ରେନ୍‌ଫେଡ୍ ଫାର୍ମିଙ୍ଗ୍ ପ୍ରୋଜେକ୍ଟ କିମ୍ବା ଏନ.ଜି.ଓ ଗ୍ରାମୀଣ ବିକାଶ ଟ୍ରଷ୍ଟ, ସହ ସହଯୋଗ କରିପାରିବେ । ଅମର ପ୍ରସାଦ ସି.ଇ ଓ, ଏବଂ ଜେ.ଏସ୍.ଗାଙ୍ଗ୍‌ୱାର, ଆଡିସନାଲ୍, ସି.ଇ. ଓ ଜିଭିଟି ନୋଏଡ଼ା । ଏବଂ ବିରୋନ୍ଦ୍ର ସିଂ, ପ୍ରୋଜେକ୍ଟ ମ୍ୟାନେଜର, ଜିଭିଟି ଇଷ୍ଟ, ରାଞ୍ଚି ଝାଡ଼ଖଣ୍ଡ ।

ଜବାରାହରେ ପରିଚାଳିତ ହେଉଥିବା ଅଂଶଗ୍ରହର କାରୀ ମତ୍ସଚାଷ ଅନୁସନ୍ଧାନ ବିଷୟରେ ଅଧିକ ଜାଣିବା ପାଇଁ ସଂଯୋଗ କରନ୍ତୁ ଡି. ଏଫ୍ ଆଇ. ଡି ପ୍ରାକୃତିକ ସମ୍ବଳ ପ୍ରକ୍ରିୟା ଯୋଜନା । ଏହାଙ୍କୁ ମଧ୍ୟ ସାକ୍ଷାତ୍ କରନ୍ତୁ, ମେଲେନ୍ ଫେଲ୍ ସିଙ୍ଗ୍, ଗ୍ରାହାମ୍ ହେଲର, ଗୌତମ ଦତ୍ତା, ବ୍ରଜେନ୍ଦ୍ର କୁମାର, ସ୍ମିତା ଶ୍ୱେତା, ଏନଟ୍ରାଜନ୍, ଗୁଲସନ୍ ଅରୋରା, ଏବଂ ବିରେନ୍ଦ୍ର ସିଂ (୨୦୦୩) ପୂର୍ବଭାରତରେ ଋତୁକାଳୀନ ଜଳାଶୟରେ ମାଛ ଉତ୍ପାଦନ ଏସିଆନ୍ ଫିସେରିଜ୍ ସାଇନସ୍ (୧୭) (୧) : ୧-୧୫ ଏହାକୁ ଏଥିରୁ ଡାଉନ୍‌ଲୋଡ୍ କରିପାରିବେ । www.streaminitiative.org. ଅଧିକ ସୂଚନା ନିମନ୍ତେ ''ଡୋବା ପଦ୍ଧତି'' ବିଷୟରେ ସଂଯୋଗ କରନ୍ତୁ ।

ghaylore@loxinto.co.in ଏହା ମଧ୍ୟ ଦେଖନ୍ତୁ ଛୋଟମାଛ ଗୁହିକର ପୋଖରୀ ଭିଡ଼ିଓରେ ।

ଲେଖକମାନେ ମାର୍ଗାରେଟ୍ କୁଇନ୍ ଅରୁଣ ପାଡ଼ିୟା ଏବଂ ବିରୋନ୍ଦ୍ର ସିଂ ଏହି ଗଳ୍ପ ପାଇଁ ସମାଲୋଚନା ନିମନ୍ତେ ଧନ୍ୟବାଦ ।